ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ

# ଯେନ୍ତା କର୍‌ମା ହେନ୍ତା ଫଲ୍ ପାଏମା




PATANG

ପ୍ରକାଶକ- ପତଙ୍ଗ, ସମ୍ବଲପୁର

ସହାୟତା-ଓ୍ୱିପ୍ରୋ, ବେଙ୍ଗାଲୋର୍

wipro


କୋର୍ଡ: P/L/B/-09




ବହିର ନାମ- ଯେନ୍‌ତା କର୍‌ମା ହେନ୍‌ତା ଫଲ୍ ପାଏମା

ଭାଷା-ସମ୍ବଲ୍‌ପୁରୀ

ପ୍ରସ୍ତୁତି- ପତଙ୍ଗ, ସମ୍ବଲପୁର

ପ୍ରକାଶକ- ପତଙ୍ଗ, ସମ୍ବଲପୁର

ପ୍ରଥମ ସଂସ୍କରଣ- ୨୦୧୭

ସହାୟତା-ଓ୍ୱିପ୍ରୋ, ବାଙ୍ଗାଲୋର୍



ଗୁଟେ ଜଙ୍ଗଲ୍‌ରେ ମୂଷା, ବାଜ୍ ଆଉ ଗୁନ୍‌ଚାମୂଷା ତିନ୍‌ଟା ସାଙ୍ଗ୍
ମିଶି କରି ଗୁଟେ ପିପଲ୍ ଗଛେ ରହୁଥିଲେ ।



ଦିନ୍ ବେଲା ସେମାନେ ବାହାର୍‌କେ ଯାଇ କରି ଖାଏବାର୍‌ଟା ଖୁଜାଖୁଜି
କରି ବେଲ୍ ବୁଡ଼ାକେ ଆସିକରି ସଭେ ମିଶି କଥାବାର୍ତ୍ତା କରୁଥିଲେ ।



ଯେନ୍ ଦିନ ସେମାନ୍‌କୁ ଦରକାର୍ ନୁ ଜହଁ ଖାଏବା୍‌ଟା ମିଲୁଥିଲା
ସେମାନେ ବଲ୍‌କାଟା ନିଜର୍ ଘରେ ଜମା କରିକିନା ରଖୁଥିଲେ ।
ଯେନ୍ ଦିନ ଖାଏବାର୍‌ଟା ନାଇଁ ମିଲୁଥିଲା ସେଟାକେ ମିଶି କରି ଖାଉଥିଲେ ।



ଦିନେ ବହୁତ୍ ବର୍ଷା ହେଉଥିଲା । ବାହାର୍ କେ ଗଲେ ଜୀବନକେ ଡର୍ ଆଏ
ବୋଲି ସେମାନେ ନିଜର୍ ନିଜର୍ ଭିତ୍ରେ କଥା ହେଇକରି
ଯାହା ଅଛେ ତାକେ ବାଁଟିକରି ଖାଏଲେ ।



ତିନ୍ ଦିନ୍ ବର୍ଷା ବନ୍ଦ ନାଇ ହେଲା । ସେମାନେ ରଖ୍ଲାଟା ଖାଏବାର୍ଟା ମିଶିକରି ଖାଉଥାନ୍ । ଠିକ୍ ସେତ୍କି ବେଲେ ଗୁଟେ ବିଲେଇ ବର୍ଷାରେ ଭିଜି ଭିଜି ଥରି ଥରି ଆସ୍ଲା ।

ବାଜ୍, ମୂଷା ଆର୍ ଗୁନ୍‌ଚାମୂଷା ତାର୍ ଅବସ୍ଥା ଦେଖଲେ ଆର୍ ତାର୍ ନିକେ ଯାଇକରି ତାର୍ ଏନ୍‌ତା ଅବସ୍ଥା କାହିଁ ହେଇଛେ ବୋଲି ତାକେ ପଚାର୍‌ଲେ ।  ବିଲେଇ ତାଙ୍କୁ କହେଲା ଯେ, ସେ ବହୁତ ଦିନ ହେଲା କିଛି ନାଇଁ ଖାଇ, ବର୍ଷାରେ କେନ୍‌କେ ଯିମି ବୋଲି ଇନ୍‌କେ ପଲେଇ ଆସ୍‌ଲି ।



ସେମାନ୍‌କୁ ତାର୍ ଉପରେ ଦୟା ହେଲା ଆର୍ ସେମାନେ ତାକେ
ନିଜର୍ ଘର୍ କେ ଆନିକରି ରଖଲେ ।
ତାକେ ଖାଏବାର୍ କେ ଦେଲେ , ତାର୍ ସେବା କଲେ ।
ବାଜ୍ , ମୂଷା ଆର୍ ଗୁନ୍‌ଚାମୂଷା ର ଛୁଆ ମାନେ  ଭି ତାଙ୍କର୍ ସାଙ୍ଗେ ଥିଲେ ।




ଦିନେ ତିନ୍ହି ଜନ ନିଜର୍ ପିଲାଛୁଆ ମାନ୍କୁ ବିଲେଇ
ପାଖେ ଛାଡିକରି ଖାଏବାର୍ଟା ଖୁଜି ବାହାର୍ଲେ ।



ବହୁତ୍ ବେଲ୍ ବିଲେଇ ଛୁଆମାଙ୍କର୍ ସଙ୍ଗେ ଥିଲା । ଛୁଆ ମାନ୍‌କୁ ଖେଲୁ ଥିବାର୍ ଦେଖିକରି ତାର୍ ଲୋଭ୍ ହେଲା । ସେ ଲୁଭେ ଗୁଟ୍ ଗୁଟ୍ କରି ସବୁ ଛୁଆମାନ୍‌କୁ ଖାଇଦେଲା ଆର୍ ସେନୁ ପଲାଲା । ଦୂରୁ ଗୁଟେ କୁନାଥି ଲୁକି କରି ଗୁଟେ ଗୁନ୍‌ଚା ଛୁଆ ଇସବୁ ଦେଖୁଥିଲା ।



ସଂଜବେଲାଥି ମୂଷା, ବାଜ୍ ଆର୍ ଗୁନ୍‌ଚାମୂଷା ନିଜର୍ ଘର୍ କେ ଆସିକରି ନିଜର୍ ଛୁଆମାଙ୍କର୍ ହାଡ୍ ପଡିଥିବାର୍ ଦେଖ୍‌ଲେ ଆର୍ ଦୁଃଖେ କାନ୍ଦି ପକାଲେ ।
ଇ ବେଲାଥି ସେ ଗୁନ୍‌ଚା ଛୁଆ ଆସିକରି ବିଲେଇ ତାର ଭାଇ ବହେନ୍ ମାନ୍‌କୁ ଖାଇଛେ ବୋଲି କହେଲା ।



ବିଲେଇକେ ସେମାନେ କେତେ ସେବା କଲେ, ତାକେ କେତେ ଭରଷା
କରିକିନା ତାଙ୍କର୍ ଛୁଆମାନ୍‌କୁ ଛାଡିକରି ଯାଇଥିଲେ ଆର୍ ବିଲେଇ ତାଙ୍କର
ସଙ୍ଗେ ବିଶ୍ୱାସଘାତ୍ କଲା ବୋଲି ସେମାନେ ଦୁଖି ହେଲେ ।



ଦିନେ ସେମାନେ ବିଲେଇ କେ ଦେଖିକରି ସେ ତାଙ୍କର୍ ସଙ୍ଗେ ଏନ୍‌ତା କାଁକରି କଲା ବୋଲି ତାକେ ପଚ୍‌ରାଲେ । ବିଲେଇ ବଡା ଘମ୍ନଡ୍‌ରେ ମୁଇଁ କିଛି ନାଇଁ କରି , ମୁଇଁ ଉଁଚା ଜାତିର ପଶୁ ଆଏ ତୁମର ବାଗିର୍ ନୀଚ୍ ଜାତିର ଜୀବ୍ ମାନ୍‌କର୍ ସଙ୍ଗେ କଥା ହେବାର୍ ଭି ପାପ୍ ଆଏ କହିକରି ସେନୁ ପଲାଲା ।



ବିଲେଇ ଜଙ୍ଗଲର ବାକି ଜୀବ୍‌ମାନ୍‌କୁ ଭି ଏନ୍‌ତା ଠକୁଛେ ବୋଲି ଜାନିକରି ଦିନେ ବାଜ୍, ମୂଷା ଆର୍ ଗୁନ୍‌ଚାମୂଷା ତାକେ ସବକ୍ ଶିଖାବାର୍ ଲାଗି ଗୁଟେ ବୁଦ୍ଧି ପାଁଚ୍‌ଲେ ।



ଦିନେ ମୂଷା ସେମାନେ ରହୁଥିବାର୍ ପିପଲ୍ ଗଛର୍ ତଲେ ଥିବାର୍ ଦଲଦଲି
ଭିତର୍‌କେ ଢୁକିକରି ଗୁଟେ ଲଟା କେ ଧରିକିନା ଠିଆ ହେଲା ଆର୍ ମତେ
ବଁଚ ବଁଚ ବୋଲି ରଡ୍‌ଲା ।



ଗୁନ୍‌ଚାମୂଷା ଆର୍ ବାଜ୍ ଗୁଟେ ବୁଦା ନ ଲୁକି କରି ସବୁ ଦେଖୁଥାନ୍ ।



ବିଲେଇ ତାର ରଡି ସୁନିକରି ତାର୍ ନିକେ ଗଲା ଆର୍ ତାକେ ଦେଖିକରି ତାର୍ ମଜାକ୍ ଉଡ଼ାଲା । ମୂଷା ମତେ ବଁଚ ବୋଲି କହେଲା ବେଲେ ସେ ମୋର୍ କାଣା ଲାଭ୍ ହେବା ତାତେ ବଁଚାଲେ ବୋଲି କହେଲା ।



ବିଲେଇ କହେଲା ମୁଇଁ ତତେ ବଁଚାଲେ ତୁଇ ମୋର ଆହାର୍ ହେବୁ କାଏଁ !
ମୂଷା ବହୁତ ଦୁଃଖେ ତାର୍ କଥାରେ ରାଜି ହେଲା ।



ବିଲେଇ ତାକେ ବାହର୍ କର୍ବାର୍ କେ ଜେନ୍ତା ହାତ୍ ଲହଁପେଇଛେ
ମୂଷାତ ପହେଲାନ୍ନୁ  ଡର୍କିକିନା ଥିଲା, ସେ ବିଲେଇ ର ହାତ୍ ଧରିକନା
ତାକେ ଦଲଦଲି ଭିତର୍କେ ଘିଚି ଆନ୍ଲା  ।



ପହେଲା କଥା ଅନୁସାରେ ବାଜ୍ ଆର୍ ଗୁନ୍‌ଟାମୂଷା ଗୁଟେ ଲହ୍
ପକାଲେ ଆର୍ ମୂଷା ତାକେ ଧରିକିନା ଗଛ୍ କେ ଚଢ଼ି ପକାଲା ।

ବିଲେଇ କହେଲା ମୁଇଁ ତମ୍‌କୁ ବଁଚାବାର୍ କେ ଆସ୍‌ଲି ଆର୍
ତୁମେ ମତେ ଠକିକିନା ମତେ  ଇନୁ ପକେଇ ଦେଲ ।



ସେମାନେ ବିଲେଇକେ କହେଲେ,  ତୋର୍ ନିଜର ବୁଦ୍ଧି ଲାଗି
ତୁଇ ଆଜି ଇ ଅବସ୍ଥା ପାଇଛୁ । ଯାହା ହେଇଛେ ତୁଇ ନିଜେହିଁ ଦାୟୀ ଆଉ ।




ଠିକ୍ ସତ୍କି ବେଲେ ସେନ୍କେ ଗୁଟେ କୁକୁର୍ ଆସଲା । ବିଲେଇ ତାକେ
ଦେଖିକରି ନିଜ୍କୁ ବଂଚାବାର୍ ଲାଗି ତାକେ ଡାକ୍ଲା ।



କୁକୁର୍ କହେଲା ମୁଇଁ ଚାର୍ଦିନ୍ ହେଲା ଭୁକେ ଅଛେ, ତତେ ବାହର୍ କଲେ ମୁଇଁ
ତତେ ଖାଇମି । ଯଦି ତୁଇ ରାଜି ଅଛୁ ବେଲେ ତତେ ବାହାର୍ କରମି ।

ଆଉ କିଛି ବାଟ୍ ନାଇଁ ପାଇକରି ବିଲେଇ କୁକୁର୍ କଥାରେ ରାଜି ହେଲା ।
ଇତାର୍ ପରେ କୁକୁର୍ ବିଲେଇ କେ ବାହାର୍ କରିକିନା ତାକେ ମାରିକରି ଖାଏଲା



( ଅନ୍ୟମାନଙ୍କୁ ଆମେ ଯେନ୍ତା ବ୍ୟବହାର କର୍ମା ଆମ୍କୁ
ସେନ୍ତା ବ୍ୟବହାର ମିଳିବା )



PATANG

ଯୋଗାଯୋଗ ଠିକଣା –

**ପତଙ୍ଗ**

ଚକବନ୍ଦୀ ଅଫିସ୍ ପାଖ, ଦେହେରୀପାଲି
ବୁଢ଼ାରଜା, ସମ୍ବଲପୁର

ଫୋନ୍ – ୦୬୬୩ – ୨୫୩୨୪୯୬
ଇମେଲ୍ – team@patangindia.org
website - www.patangindia.org